This Question Paper consists of 30 questions and 8 printed pages.
ଏହି ପ୍ରଶ୍ନପତ୍ରରେ ମୋଟ 30ଟି ପ୍ରଶ୍ନ ଅଛି ଏବଂ 8 ମୁଦ୍ରିତ ପୃଷ୍ଠା ଅଛି।

Roll No.
ରୋଲ୍ ନମ୍ବର

| | | | | | | | | | | | |
|---|---|---|---|---|---|---|---|---|---|---|---|
| | | | | | | | | | | | |

**Code No.** **65/S/A/OR**
କୋଡ୍ ନମ୍ବର

**Set /** ସେଟ୍ **A**

# BUSINESS STUDIES
# ବ୍ୟବସାୟ ଅଧ୍ୟୟନ
# ( 215-OR )

Day and Date of Examination ..........................................................................
(ପରୀକ୍ଷା ତାରିଖ ଓ ଦିନ)

Signature of Invigilators 1. ....................................................................
(ନିରୀକ୍ଷକଙ୍କ ସ୍ୱାକ୍ଷର)

2. ....................................................................

***General Instructions*:**

1. Candidate must write his/her Roll Number on the first page of the Question Paper.
2. Please check the Question Paper to verify that the total pages and total number of questions contained in the Question Paper are the same as those printed on the top of the first page. Also check to see that the questions are in sequential order.
3. For the objective type of questions, you have to choose any **one** of the four alternatives given in the question, i.e., (A), (B), (C) or (D) and indicate your correct answer in the Answer-Book given to you.
4. All the questions including objective-type questions are to be answered within the allotted time and no separate time limit is fixed for answering objective-type questions.
5. Making any identification mark in the Answer-Book or writing Roll Number anywhere other than the specified places will lead to disqualification of the candidate.
6. Write your Question Paper Code No. 65/S/A/OR, Set A on the Answer-Book.
7. The Question Paper is bilingual. In case of doubt, the English version should be considered as authentic.

**ପରୀକ୍ଷାର୍ଥୀଙ୍କ ପାଇଁ ବିଶେଷ ସୂଚନା :**

1. ଏହି ପ୍ରଶ୍ନ ପତ୍ରର ଉପରେ ଥିବା ଯଥା ସ୍ଥାନରେ ତୁମର ରୋଲ୍ ନମ୍ବର ଲେଖ। (ଗୋଟିଏ କୋଠରିରେ କେବଳ ଗୋଟିଏ ଅଙ୍କ ରହିବ)

2. ପ୍ରଶ୍ନ ପତ୍ର ପାଇବା କ୍ଷଣି ସେଥିରେ ଥିବା ମୋଟ ପୃଷ୍ଠା ସଂଖ୍ୟା ଏବଂ ମୋଟ ପ୍ରଶ୍ନ ସଂଖ୍ୟା ଏହି ପୃଷ୍ଠାର ଉପରେ ଲେଖା ଯାଇଥିବା ସଂଖ୍ୟା ସହ ଠିକ୍ ଅଛି କି ନାହିଁ ଦେଖିନିଅ। ପ୍ରଶ୍ନଗୁଡ଼ିକ କ୍ରମାନ୍ୱୟରେ ଅଛି କି ନାହିଁ ଦେଖ।

3. ବସ୍ତୁନିଷ୍ଠ ପ୍ରଶ୍ନରେ (A), (B), (C) ଓ (D) ଭାବେ ଚାରୋଟି ବିକଳ୍ପ ଉତ୍ତର ଅଛି। ସେଥି ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ତୁମକୁ ଦିଆଯାଇଥିବା ଉତ୍ତର ଖାତାରେ ଲେଖ।

4. ବସ୍ତୁନିଷ୍ଠ ପ୍ରଶ୍ନଗୁଡ଼ିକୁ ମିଶାଇ ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ କରିବାକୁ ହେବ ଏବଂ ବସ୍ତୁନିଷ୍ଠ ପ୍ରଶ୍ନଗୁଡ଼ିକର ଉତ୍ତର କରିବାପାଇଁ ଅଲଗା ସମୟ ଦିଆଯିବ ନାହିଁ।

5. ଉତ୍ତର ଖାତାରେ କୌଣସି ସଂକେତ ଲେଖିଲେ କିମ୍ବା ଦର୍ଶାଯାଇଥିବା ସ୍ଥାନ ବ୍ୟତୀତ ଅନ୍ୟ କେଉଁଠି ରୋଲ୍ ନମ୍ବର ଲେଖିଲେ ତୁମକୁ ଅଯୋଗ୍ୟ କରାଯିବ।

6. ଏହି ପ୍ରଶ୍ନପତ୍ରର ଉପରେ ଲେଖାଯାଇଥିବା କୋଡ୍ ନମ୍ବର 65/S/A/OR ସେଟ୍ [A] ତୁମକୁ ଦିଆଯାଇଥିବା ଉତ୍ତରଖାତାର ଯଥା ସ୍ଥାନରେ ଲେଖ।

7. ଏହି ପ୍ରଶ୍ନପତ୍ର ଦୁଇ ଭାଷାରେ ଉପଲବ୍ଧ। କୌଣସି ପରିସ୍ଥିତିରେ ସନ୍ଦେହ ହେଲେ ଇଂରାଜୀ ରୂପାନ୍ତରକୁ ମାନ୍ୟ ବିବେଚନା କରାଯିବ।

# BUSINESS STUDIES
# ବ୍ୟବସାୟ ଅଧ୍ୟୟନ
# ( 215-OR )

Time : 3 Hours ] [ Maximum Marks : 100

ସମୟ : 3 ଘଣ୍ଟା ] [ ସର୍ବାଧିକ ମୂଲ୍ୟାଙ୍କ : 100

*Note* : (i) **All** questions are compulsory.

(ii) Marks alloted for each question are indicated against it.

ସୂଚନା : (i) **ସମସ୍ତ** ପ୍ରଶ୍ନ ବାଧ୍ୟତାମୂଳକ ଅଟେ।

(ii) ପ୍ରତ୍ୟେକ ପ୍ରଶ୍ନର ଡାହାଣ ପାଖରେ ସେହି ପ୍ରଶ୍ନର ମୂଲ୍ୟାଙ୍କ ଦିଆଯାଇଛି।

**1.** The Limited Liability Partnership Act was enacted in the year

(A) 2007

(B) 2008

(C) 2009

(D) 2010 1

ସୀମିତ ଦାୟ ଭାଗୀଦାରି ଆଇନ୍ ଯେଉଁ ବର୍ଷ ପ୍ରଣୟନ ହୋଇଥିଲା, ତାହା ହେଲା

(A) 2007

(B) 2008

(C) 2009

(D) 2010

**2.** Communication through the use of various parts of human body is called

(A) body language communication

(B) gestural communication

(C) oral communication

(D) verbal communication 1

ମନୁଷ୍ୟ ଶରୀରର ବିଭିନ୍ନ ଅଙ୍ଗର ସାହାଯ୍ୟ ନେଇ କରାଯାଉଥିବା ଭାବ ବିନିମୟକୁ କ'ଣ କୁହାଯାଏ?

(A) ଶାରୀରିକ ଅଙ୍ଗଭାଷା ଯୋଗାଯୋଗ

(B) ସାଙ୍କେତିକ ଯୋଗାଯୋଗ

(C) ବାଚନିକ ଯୋଗାଯୋଗ

(D) ମୌଖିକ ଯୋଗାଯୋଗ

**3.** Which of the following is not an advantage of rail transport? 1

(A) It is relatively faster than road transport

(B) It is suitable for carrying heavy goods in large quantities over long distance

(C) It is a flexible mode of transport

(D) It is a convenient mode of transport for travelling long distance

ନିମ୍ନଲିଖିତ ମଧ୍ୟରୁ କେଉଁଟି ରେଳ ପରିବହନର ଉପାଦେୟତାକୁ ଦର୍ଶାଏ ନାହିଁ?

(A) ଏହା ସଡକ ପରିବହନ ତୁଳନାରେ ବେଶି ଗତିଶୀଳ

(B) ଏହା ଦୂର ଯାଗାକୁ ଭାରିଜିନିଷ ପରିବହନ କରିବାରେ ଉପାଦେୟ

(C) ଏହା ପରିବହନର ଗୋଟିଏ ପରିବର୍ତ୍ତନକ୍ଷମ ମାଧ୍ୟମ

(D) ସୁଦୂର ଯାତ୍ରାନିମିତ୍ତ ପରିବହନର ଗୋଟିଏ ସୁବିଧାଜନକ ମାଧ୍ୟମ

**4.** Under which principle of insurance, the insured must take all possible steps to minimize the loss or damage to the subject matter of insurance? 1

(A) Contribution (B) Subrogation

(C) Causa Proxima (D) Mitigation

ବୀମାର କେଉଁ ସିଦ୍ଧାନ୍ତ ଅନୁଯାୟୀ, ବୀମା ଅନ୍ତର୍ଗତ ବସ୍ତୁର ହେବାକୁ ଥିବା ନ୍ୟୁନତମ କ୍ଷତି/ନଷ୍ଟ କରିବାପାଇଁ ବୀମା କର୍ତ୍ତାକୁ ସମସ୍ତ ପ୍ରକାର ଉଦ୍ୟମ କରିବାକୁ ହେବ?

(A) ଅବଦାନ (B) ପ୍ରତ୍ୟାସନ

(C) କ୍ଷତିର ନିକଟତମ କାରଣ (D) ଉପଶମ/ପ୍ରଶମନ

**5.** Newspapers are suitable for advertising of

(A) products for target customers

(B) agricultural products meant for farmers

(C) consumer goods designed for general public

(D) products that require live demonstration 1

ଯାହାର ବିଜ୍ଞାପନ ପାଇଁ ସମ୍ବାଦପତ୍ର ଉପଯୁକ୍ତ ଅଟେ, ସେଗୁଡ଼ିକ ହେଲା

(A) ଇପସିତ ଉପଭୋକ୍ତାଙ୍କ ନିମିତ୍ତ ଉତ୍ପାଦ

(B) କୃଷକମାନଙ୍କ ନିମିତ୍ତ କୃଷିସମ୍ବନ୍ଧିତ ଉତ୍ପାଦ

(C) ସର୍ବସାଧାରଣଙ୍କ ନିମିତ୍ତ ଖାଉଟି ଦ୍ରବ୍ୟ

(D) ପ୍ରତ୍ୟକ୍ଷ ପ୍ରଦର୍ଶନ ଆବଶ୍ୟକ କରୁଥିବା ଉତ୍ପାଦ

**6.** After sending an invoice, if the seller notices that the goods have been undercharged, he can rectify the mistake by preparing a

(A) credit note | (B) debit note

(C) letter of advice | (D) letter of regret 1

ଇନ୍‌ଭଏସ ପଠାଇବା ପରେ, ଯଦି ବିକ୍ରେତାକୁ ଦ୍ରବ୍ୟ ମୂଲ୍ୟ କମ୍ ହୋଇଥିବା ଜଣାପଡ଼େ, ତେବେ ନିମ୍ନ ପ୍ରଦତ୍ତ ଦଲିଲ ତିଆରି କରି ସଂଶୋଧନ କରିପାରେ

(A) ଜମା ପତ୍ର | (B) ଦେୟ ପତ୍ର

(C) ସୂଚନା ପତ୍ର | (D) ଖେଦ ପତ୍ର

**7.** 'Shoppers Stop', 'Spencer', 'Big Bazaar' are the examples of

(A) super bazar | (B) multiple shops

(C) factory outlet | (D) departmental store 1

'ସପର୍ସ ଷ୍ଟପ', 'ସ୍ପେନ୍‌ସର', 'ବିଗ୍ ବଜାର' ଆଦି କେଉଁ ନିମ୍ନଲିଖିତ ସଂସ୍ଥାର ଉଦାହରଣ?

(A) ସୁପର ବଜାର | (B) ବହୁ ସଂଖ୍ୟକ ଦୋକାନସମୂହ

(C) କାରଖାନାର ବିକ୍ରୟକେନ୍ଦ୍ର | (D) ବିଭାଗୀୟ ଭଣ୍ଡାର

**8.** Consumers are unable to make use of their rights due to the lack of

(A) awareness | (B) funds

(C) education | (D) consumer organizations 1

ଖାଉଟିମାନେ କାହା ଅଭାବରେ ସେମାନଙ୍କର ଅଧିକାରର ଉପଯୋଗ କରିବାକୁ ଅସମର୍ଥ?

(A) ସଚେତନତା | (B) ପାଣ୍ଠି

(C) ଶିକ୍ଷା | (D) ଖାଉଟି ସଂଗଠନ

**9.** The State Commission has the jurisdiction to deal with all complaints, where the value of goods or the compensation claimed does not exceed

(A) ₹ 10 lakhs (B) ₹ 20 lakhs

(C) ₹ 50 lakhs (D) ₹ 1 crore 1

ସମସ୍ତ ଅଭିଯୋଗ, ଯାହାର ଦ୍ରବ୍ୟମୂଲ୍ୟ ବା କ୍ଷତିପୂରଣ ରାଶି ନିମ୍ନ ରାଶିଠାରୁ ଅଧିକ ନହୁଏ, ରାଜ୍ୟ ଆୟୋଗଙ୍କ ବିଚାର ଅଧିକାରର ପରିସରଭୁକ୍ତ ହୋଇପାରିବ

(A) ₹ 10 ଲକ୍ଷ (B) ₹ 20 ଲକ୍ଷ

(C) ₹ 50 ଲକ୍ଷ (D) ₹ 1 କୋଟି

**10.** Which is true about entrepreneurs? 1

(A) They are gamblers
(B) They depend on others
(C) They are born, not made
(D) They take risk in converting ideas into action

ଉଦ୍ୟୋଗପତି ବାବଦରେ କେଉଁଟି ସତ୍ୟ?

(A) ସେମାନେ ଜୁଆଡ଼ି
(B) ସେମାନେ ଅନ୍ୟଉପରେ ନିର୍ଭରଶୀଳ
(C) ସେମାନେ ନିର୍ମିତ ନୁହଁନ୍ତି, ଜନ୍ମଜାତ
(D) ସେମାନେ କଳ୍ପନାର ବାସ୍ତବ କାର୍ଯ୍ୟୋନୟନ ପାଇଁ ଶଙ୍କାପୂର୍ଣ୍ଣ ଦାୟିତ୍ୱ ବହନ କରିଥାନ୍ତି

**11.** State any *three* responsibilities of business towards its employees. 3

ନିଜ କର୍ମଚାରୀଙ୍କ ପ୍ରତି ବ୍ୟବସାୟର ଯେକୌଣସି **ତିନୋଟି** ଦାୟିତ୍ୱର ଉଲ୍ଲେଖ କର।

**12.** Name any *three* types of e-commerce. 3

ଯେକୌଣସି **ତିନି** ପ୍ରକାରର ଇ. ବ୍ୟବସାୟର ନାମ ଲେଖ।

**13.** Explain, in brief, Postal Life Insurance. 3

'ଡାକ ଜୀବନବୀମା' ସମ୍ବନ୍ଧରେ ସଂକ୍ଷେପରେ ଲେଖ।

**14.** What is meant by 'super bazar'? Mention any *one* feature of it. 3

'ସୁପର ବଜାର' କହିଲେ କ'ଣ ବୁଝ? ଏହାର ଯେକୌଣସି **ଗୋଟିଏ** ବୈଶିଷ୍ଟ୍ୟ ଉଲ୍ଲେଖ କର।

**15.** As right to consumer education, what should consumers expect to be educated about? 3

ଉପଭୋକ୍ତା ଶିକ୍ଷା ଅଧିକାରରେ ଖାଉଟିମାନଙ୍କର କେଉଁ ଶିକ୍ଷା ପାଇବାର ପ୍ରତ୍ୟାଶା ରହିବା ଦରକାର?

**16.** "Sole proprietorship is the best form of business organization if the sole person is capable enough to handle everything." In the light of this statement, briefly explain the limitations of sole proprietorship. 4

''ଯଦି ଏକକ ବ୍ୟକ୍ତି ବ୍ୟବସାୟର ସମସ୍ତ କିଛି ସୁପରିଚାଳନା କରିବାକୁ ସମ୍ପୂର୍ଣ୍ଣ ରୂପେ ସଫଳ ହୁଏ, ତେବେ ଏକକ ମାଲିକାନାସତ୍ତ୍ୱ ସର୍ବୋତ୍ତମ ବ୍ୟବସାୟିକ ସଂଗଠନ ହେବ।'' ଏହି ଉକ୍ତିର ସଂଦର୍ଭରେ ଏକକ ମାଲିକାନାସତ୍ତ୍ୱର ସୀମା ବିଷୟରେ ସଂକ୍ଷେପରେ ବର୍ଣ୍ଣନା କର।

**17.** Warehousing is a very important auxiliary to trade. Explain its need by giving any *four* points. 4

ପଣ୍ୟାଗାରୀକରଣ ବ୍ୟାପାରର ଏକ ମହତ୍ତ୍ୱପୂର୍ଣ୍ଣ ସହାୟକ। ଯେକୌଣସି **ଚାରୋଟି** ମର୍ମରେ ଏହାର ପ୍ରୟୋଜନୀୟତା ବର୍ଣ୍ଣନା କର।

**18.** Explain 'Telex' and 'Fax' as means of communication. 4

ଯୋଗାଯୋଗର ସାଧନଭାବେ 'ଟେଲେକ୍ସ' ଓ 'ଫ୍ୟାକ୍ସ'ର ବର୍ଣ୍ଣନା କର।

**19.** State any *four* functions of wholesalers. 4

ପାଇକାରୀ ବିକ୍ରେତାଙ୍କର ଯେକୌଣସି **ଚାରୋଟି** କାର୍ଯ୍ୟ ବର୍ଣ୍ଣନା କର।

**20.** What is meant by the term 'purchase'? Briefly explain any *two* modes of it. 4

'କ୍ରୟ' କହିଲେ କ'ଣ ବୁଝାଯାଏ? ସଂକ୍ଷେପରେ ଏହାର **ଦୁଇଟି** ପ୍ରକାରର ବର୍ଣ୍ଣନା କର।

**21.** State any *five* advantages of joint-stock companies. 5

ଯୌଥ କାରବାର କମ୍ପାନୀର ଯେକୌଣସି **ପାଞ୍ଚଟି** ଉପାଦେୟତା ଉଲ୍ଲେଖ କର।

**22.** What are multinational companies? Explain any *three* advantages of them. 5

ବହୁରାଷ୍ଟ୍ରୀୟ କମ୍ପାନୀ କ'ଣ? ଏହାର **ତିନୋଟି** ଉପାଦେୟତା ବର୍ଣ୍ଣନା କର।

**23.** State any *three* advantages and any *two* limitations of water transport. 5

ଜଳପଥ ପରିବହନର ଯେକୌଣସି **ତିନୋଟି** ଉପାଦେୟତା ଓ **ଦୁଇଟି** ସୀମିତତା ଉଲ୍ଲେଖ କର।

**24.** "Non-Government Organizations have undertaken various activities as part of the consumer movement." Mention any *five* functions perform by them. 5

''ବେସରକାରୀ ସଂଗଠନମାନେ ଉପଭୋକ୍ତା ଆନ୍ଦୋଳନର ଅଂଶଭାବେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି।'' ସେମାନଙ୍କ ଦ୍ୱାରା କରାଯାଇଥିବା ଯେକୌଣସି **ପାଞ୍ଚଟି** କାର୍ଯ୍ୟର ଉଲ୍ଲେଖ କର।

**25.** State any *five* possible areas of self-employment. Give *one* example of each. 5

ସ୍ୱରୋଜଗାର ପାଇଁ ଯେକୌଣସି **ପାଞ୍ଚଟି** ସମ୍ଭାବିତ କ୍ଷେତ୍ରର ବର୍ଣ୍ଣନା କର। ପ୍ରତ୍ୟେକଟିର ଗୋଟିଏ ଉଦାହରଣ ଦିଅ।

**26.** What is meant by 'business'? Explain any *four* characteristics of it. 6

'ବ୍ୟବସାୟ' କହିଲେ କ'ଣ ବୁଝାଯାଏ? ଏହାର ଯେକୌଣସି **ଚାରୋଟି** ବିଶେଷତା ବ୍ୟାଖ୍ୟା କର।

**27.** Explain the following specialized mail services provided by post office : 6

*(a)* Insured post

*(b)* Speed post

*(c)* Post restante

ଡାକଘର ଦ୍ୱାରା ଦିଆଯାଇଥିବା ନିମ୍ନଲିଖିତ ବିଶିଷ୍ଟ ଡାକସେବାଗୁଡ଼ିକ ସମ୍ବନ୍ଧରେ ବ୍ୟାଖ୍ୟା କର :

(କ) ବୀମାକୃତ ଡାକ

(ଖ) ତ୍ୱରିତ ଡାକ

(ଗ) ନ୍ୟସ୍ତ ଡାକ/ଗ୍ରାହକ କେବଳ ଡାକ

**28.** Explain any *four* functions of retailers. 6

ଖୁଚୁରା ବେପାରୀଙ୍କର ଯେକୌଣସି **ଚାରୋଟି** କାର୍ଯ୍ୟର ବର୍ଣ୍ଣନା କର।

**29.** Explain the following problems faced by the consumers : 6

*(a)* Sale of spurious products

*(b)* Hoarding and black-marketing

*(c)* Misleading advertisement

ଉପଭୋକ୍ତାଙ୍କମାନେ ସମ୍ମୁଖୀନ ହେଉଥିବା ନିମ୍ନ ସମସ୍ୟାଗୁଡ଼ିକୁ ବ୍ୟାଖ୍ୟା କର :

(କ) ଭେଜାଲ ସାମଗ୍ରୀର ବିକ୍ରୟ

(ଖ) ମହଜୁଦଖୋରୀ ଓ କଳାବଜାରୀ

(ଗ) ବିଭ୍ରାନ୍ତିକର ବିଜ୍ଞାପନ

**30.** Vineeta, who is working as a Finance Manager in a company, decides to start her own business. Explain the qualities she should possess to be a successful entrepreneur. 6

ଏକ କମ୍ପାନୀର ବିତ୍ତପରିଚାଳକ ଥିବା ବୀନିତା, ନିଜସ୍ୱ ବ୍ୟବସାୟ ଆରମ୍ଭ କରିବାକୁ ନିଷ୍ପତ୍ତି ନିଅନ୍ତି। ଜଣେ ସଫଳ ଉଦ୍ୟୋଗୀ ହେବାପାଇଁ ତାଙ୍କୁ କେଉଁସବୁ ଗୁଣର ଅଧିକାରୀ ହେବାକୁ ପଡିବ ବର୍ଣ୍ଣନା କର।

★ ★ ★